**SET–A**

**Roll No.** [ ]

Total No. of Printed Pages—15

**708 R/E/DE(R/E)**
**[ Regular/Ex-Regular/DE(R/E) ]**

# OPTIONAL ODIA

**(Arts)**

**( For Students registered in 2016, 2017 & 2018 )**

**2 0 2 0 (A)**

ARTS

## OPTIONAL ODIA

*Full Marks* : 100

*Time* : 3 hours

*The figures in the right-side margin indicate marks*
ଦକ୍ଷିଣ ପାର୍ଶ୍ୱରେ ସୂଚିତ ସଂଖ୍ୟା ପ୍ରଶ୍ନର ମୂଲ୍ୟ ସୂଚାଏ

*Answer **all** questions*
ସମସ୍ତ ପ୍ରଶ୍ନର ଉତ୍ତର ଦିଅ



https://www.odishaboard.com

୧। ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୪=୪

(କ) ପର୍ଶୁରାମ ଧନୁର ନାମ କ'ଣ ଥିଲା?

*(i)* ସାରଙ୍ଗ

*(ii)* ଶିବ

*(iii)* ଗାଣ୍ଡିବ

*(iv)* ବୈଷ୍ଣବ

(ଖ) ସରହ ସୁନ୍ଦରୀକୁ ଗୋପପୁରବାସୀ କ'ଣ ସମ୍ବୋଧନ କରି ଡାକନ୍ତି?

*(i)* ମା'

*(ii)* ଆଇ

*(iii)* ମା'ମା

*(iv)* ଦୂତୀ

(ଗ) କାଳୀ ହେଲେ ବି ଶଶୀ କାହା ପ୍ରତି ଆଦର ତ୍ୟାଗ କରିପାରେ ନାହିଁ?

*(i)* ଆକାଶ

*(ii)* ତାରକା

*(iii)* ସାଗର

*(iv)* ନିଶି



https://www.odishaboard.com

(ଘ) ସିଂହ ଦ୍ୱାରରେ କିଏ ଡାକନ୍ତି—'ଉଠ ଅଚ୍ୟୁତ '?

*(i)* ଯଶୋଦା

*(ii)* ଗୋପସୁତ

*(iii)* ନନ୍ଦ

*(iv)* ବଳରାମ

(ଙ) ଗୁରୁ ଦ୍ରୋଣଙ୍କୁ କିଏ ବଧ କରିଥିଲେ?

*(i)* ଅର୍ଜୁନ

*(ii)* ଭୀମ

*(iii)* ଧୃଷ୍ଟଦ୍ୟୁମ୍ନ

*(iv)* କୃଷ୍ଣ

୨। ନିମ୍ନଲିଖିତ ଯେକୌଣସି ତିନିଗୋଟି ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ : ୧×୩=୩

(କ) ରାମଚନ୍ଦ୍ରଙ୍କ ଚଉଠି ସଂସ୍କାର ବିଧି କାହା ଆଶ୍ରମରେ ପାଳନ ହୋଇଥିଲା?

(ଖ) ସରହ ସୁନ୍ଦରୀ କେଉଁଥିରେ ମତ୍ତଗଜକୁ ବାନ୍ଧିବାର କ୍ଷମତା ରଖିଥିଲା?

(ଗ) ବତାସକୁ କାହା ସହିତ ତୁଳନା କରାଯାଇଛି?

(ଘ) ଯଶୋଦା ଝରିରେ କ'ଣ ରଖିଛନ୍ତି ବୋଲି କହିଲେ?



https://www.odishaboard.com

୩। କବିତା ଓ କବିଙ୍କ ନାମୋଲ୍ଲେଖ ସହିତ ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ପ୍ରଦାନ କର : ୨×୨=୪

(କ) ପର୍ଶୁରାମ ରାମଚନ୍ଦ୍ରଙ୍କୁ କ'ଣ ଛେଦନ କରିବାକୁ କହିଥିଲେ?

(ଖ) ନନ୍ଦଘରେ କେଉଁ ପୂର୍ଣ୍ଣମୀରେ ଉତ୍ସବ ପାଳନ କରାଯାଉଥିଲା?

(ଗ) କାହାକୁ କୁଣ୍ଡମୂନରେ ଭୁସି କୃଷ୍ଣ କଣା କରିଥିଲେ?

୪। କବିତା ଓ କବିଙ୍କ ନାମୋଲ୍ଲେଖ ସହିତ ୩୦ଟି ଶବ୍ଦ ମଧ୍ୟରେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ : ୩

(କ) ବୈଲୋଚନଙ୍କୁ ବିଷ୍ଣୁ କିପରି ହତ୍ୟା କରିଥିଲେ?

(ଖ) ''ଚନ୍ଦ୍ରଙ୍କୁ ଆବୋରି ଯେସନେକ ଉଦୟେ ନକ୍ଷତ୍ରପନ୍ତି''ର ଅର୍ଥ ବୁଝାଇ ପ୍ରସଙ୍ଗ ଲେଖ।

୫। ପ୍ରାୟ ୧୫୦ଟି ଶବ୍ଦ ବ୍ୟବହାର କରି କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ : ୫

(କ) 'ସରହ ସୁନ୍ଦରୀ' କବିତାରୁ ଦୂତୀର ଚରିତ୍ର ଚିତ୍ରଣ କର।

(ଖ) 'ଉଠ ନିଶି ପାହିଲା' କବିତାର ଭାବଧର୍ମ ବିଶ୍ଳେଷଣ କର।



https://www.odishaboard.com

୬। ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୪=୪

(କ) ଦୁଃଖୀ ହୃଦୟ ଭାରକୁ କିଏ ଲାଘବ କରେ?

*(i)* ମଧୁର ବଚନ

*(ii)* ସ୍ନେହ ମମତା

*(iii)* ଈଶ୍ୱର ଦୟା

*(iv)* ଅର୍ଥଦାନ

(ଖ) ପିତୃକୋଳ ତେଜି କିଏ ବାରିଧି ପାଖକୁ ଯାଏ?

*(i)* ମେଘ

*(ii)* ତଟିନୀ

*(iii)* ବନ

*(iv)* ପର୍ବତ

(ଗ) ଦୃଶଦ୍‌ବତୀ କାହାର ଏକ ନାମ?

*(i)* ଏକ ପର୍ବତ

*(ii)* ଏକ ଜଙ୍ଗଲ

*(iii)* ଏକ ନଦୀ

*(iv)* ଏକ ପୁଷ୍କରିଣୀ



https://www.odishaboard.com

(ଘ) 'କମଳ ପ୍ରତି' କେଉଁ ପ୍ରକାର କବିତା?

*(i)* ଶୋକ ଗୀତିକା

*(ii)* ସନେଟ୍

*(iii)* ଗାଥା କବିତା

*(iv)* ସମ୍ବୋଧନ ମୂଳକ କବିତା

(ଙ) ମହାଭାରତ ଯୁଦ୍ଧରେ ଏକମାତ୍ର ସତ୍ୟ କ'ଣ?

*(i)* ପାଣ୍ଡବଙ୍କ ବିଜୟ

*(ii)* ଭଗବାନ ଶ୍ରୀକୃଷ୍ଣ

*(iii)* ମୃତ୍ୟୁ

*(iv)* କୁରୁବଂଶ ନାଶ

୭। ନିମ୍ନଲିଖିତ ଯେକୌଣସି **ତିନିଗୋଟି** ପ୍ରଶ୍ନର ଉତ୍ତର **ଗୋଟିଏ** ଲେଖାଏଁ ବାକ୍ୟରେ ଦିଅ : ୧ × ୩ = ୩

(କ) କାହାର ମନୋଭାବକୁ ନେଇ 'ନିର୍ବାସିତର ବିଳାପ' କବିତାଟି ରଚନା କରାଯାଇଛି?

(ଖ) ଚମ୍ପାବତୀ ରାଜକନ୍ୟା କ'ଣ ଦେଖି ଲଜ୍ଜା ଅନୁଭବ କରେ?

(ଗ) ସବୁରି ମରମେ କାହାର ଜୀବନ-ବତି ଜଳେ?

(ଘ) ମର ଦେହେ କିଏ ବସତି ସ୍ଥାପନ କରେ?



https://www.odishaboard.com

୮। କବିତା ଓ କବିଙ୍କ ନାମୋଲ୍ଲେଖ ସହିତ ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ : ୨×୨=୪

(କ) କିଏ ବାରମ୍ବାର ଆତ୍ମହତ୍ୟା କରୁଥିବା କଥା କୁହାଯାଇଛି?

(ଖ) ନିତି କିଏ କାନ୍ଦେ?

(ଗ) ଗାନ୍ଧିଜୀ କାହାକୁ କଣ୍ଠମାଳା କରିଥିଲେ?

୯। କବିତା ଓ କବିଙ୍କ ନାମୋଲ୍ଲେଖ ସହିତ ୩୦ଟି ଶବ୍ଦ ମଧ୍ୟରେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ : ୩

(କ) ସନ୍ତପ୍ତ ପ୍ରାଣ କିପରି ଶୀତଳ ହୋଇଥାଏ?

(ଖ) ରାଜକୁମାରୀ କାହିଁକି ଉନ୍ମନ ଥିଲେ?

୧୦। ପ୍ରାୟ ୧୫୦ଟି ଶବ୍ଦ ବ୍ୟବହାର କରି ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ : ୫

(କ) 'ସଂଜୟ ଓ ଧୃତରାଷ୍ଟ୍ର' କବିତାର ସାର୍ଥକତା ବିଚାର କର।

(ଖ) ପଠିତ କବିତାରୁ ନିର୍ବାସିତ ବ୍ୟକ୍ତିର ମନୋଭାବ ଉଲ୍ଲେଖ କର।



https://www.odishaboard.com

୧୧। ପ୍ରତ୍ୟେକ ପ୍ରଶ୍ନ ତଳେ ଚାରିଗୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି, ସେଥିମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୪=୪

(କ) 'ଆଧ୍ୟାତ୍ମିକ' ଶବ୍ଦଟି ପ୍ରଧାନତଃ କେତୋଟି ଅର୍ଥରେ ବ୍ୟବହୃତ ହୋଇଥାଏ?

*(i)* ଗୋଟିଏ

*(ii)* ଦୁଇଟି

*(iii)* ତିନୋଟି

*(iv)* ଚାରୋଟି

(ଖ) ସୂକ୍ଷ୍ମ ସତ୍ୟର ବିପରୀତ ଅର୍ଥ କ'ଣ?

*(i)* ନିହାତି ସତ୍ୟ

*(ii)* ଅପରିଣାମ ସତ୍ୟ

*(iii)* ସୂକ୍ଷ୍ମ ମିଥ୍ୟା

*(iv)* ଅପ୍ରିୟ ସତ୍ୟ

(ଗ) ଭ୍ରାତୃତ୍ୱକୁ ଆମେ କେଉଁ କାର୍ଯ୍ୟକ୍ରମର ଅଙ୍ଗ ବୋଲି କହିପାରିବା ନାହିଁ?

*(i)* ରାଜନୈତିକ

*(ii)* ଅର୍ଥନୈତିକ

*(iii)* ସାଂସ୍କୃତିକ

*(iv)* ପାରମ୍ପରିକ



https://www.odishaboard.com

(ଘ) କେବେ ଠାରୁ ମଣିଷଜାତି ପରିବେଶ ସଚେତନତା ଓ ନାରୀ ଜାଗରଣକୁ ସ୍ୱାଗତ କରିଛି?

*(i)* ୧୯୫୦ ମସିହା

*(ii)* ୧୯୭୦ ମସିହା

*(iii)* ୧୯୮୦ ମସିହା

*(iv)* ୧୯୯୦ ମସିହା

(ଙ) ବିଶିଷ୍ଟ ଅର୍ଥନୀତିଜ୍ଞ ଓ ଲେଖକ ସୁମାଚାର କେଉଁ ଦେଶରେ ଜନ୍ମଗ୍ରହଣ କରିଥିଲେ?

*(i)* ଇଟାଲି

*(ii)* ଫ୍ରାନ୍ସ

*(iii)* ଜର୍ମାନି

*(iv)* ଇଂଲଣ୍ଡ

୧୨। ନିମ୍ନଲିଖିତ ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ : ୧×୩=୩

(କ) ପରମାତ୍ମା ସଂପର୍କିତ ଆଧ୍ୟାତ୍ମିକ ଶବ୍ଦଟି କେଉଁ ଶବ୍ଦର ବିପରୀତ?

(ଖ) ପ୍ରକୃତରେ ଦେହର ଜୋର୍ ଠାରୁ କାହାର ଜୋର୍ ବଡ଼?



https://www.odishaboard.com

(ଗ) ଭାରତବର୍ଷର ସମ୍ବିଧାନରେ କାହାକୁ ଲକ୍ଷ୍ୟ ରୂପେ ଗ୍ରହଣ କରାଯାଇଥିଲା ?

(ଘ) ଯଦି ଜଣେ ବ୍ୟକ୍ତି କେବଳ ପୁରୁଷର ବା କେବଳ ନାରୀର ସଦ୍‌ଗୁଣଗୁଡ଼ିକର ବିକାଶ ଦିଗରେ ଧ୍ୟାନ ଦେଲେ ସେ କ'ଣ ହୋଇପାରେ ?

୧୩। ଲେଖା ଓ ଲେଖକର ନାମୋଲ୍ଲେଖ ସହିତ କୌଣସି ଦୁଇଟି ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ : ୨×୨=୪

(କ) କିଏ ଅନ୍ଧ ବର୍ଗଟିରେ ଗେହ୍ଲାହେଇ କ'ଣରେ ପରିଣତ ହୋଇଛି ?

(ଖ) କିଏ କହୁଛି—"ମାଟିକୁ ଲାଗିନି ତୁମ ଗୋଡ଼" ?

(ଗ) କେଉଁ ନୂଆ ନୀତି ମଣିଷର ମୂଲ୍ୟକୁ ସର୍ବତ୍ର ସ୍ୱୀକାର କରେ ?

୧୪। ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହିତ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ପ୍ରଦାନ କର : ୩

(କ) ବୀରଭୋଗ୍ୟା ବସୁନ୍ଧରା ନୀତିଟି କ'ଣ ?

(ଖ) କ'ଣ ନିଶ୍ଚୟ ବିଶ୍ୱଯୁଦ୍ଧରେ ପାଲଟି ଯିବ ?



https://www.odishaboard.com

୧୫। ପ୍ରାୟ ୧୫୦ଟି ଶବ୍ଦ ବ୍ୟବହାର କରି କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ : ୪

(କ) ଭାରତ କିପରି ସତ୍ୟ, ଶିବ ଓ ସୁନ୍ଦରର ଉପାସକ ବ୍ୟାଖ୍ୟା କର।

(ଖ) ''ଗାତ ମଣିଷ ବା ବଣୁଆ ମଣିଷ ଠାରୁ ସଭ୍ୟ ମଣିଷ କୌଣସି ଦିଗରୁ କମ୍ ନୁହେଁ''—ଏହାକୁ ବୁଝାଅ।

୧୬। ପ୍ରତ୍ୟେକ ପ୍ରଶ୍ନରେ ପ୍ରଦତ୍ତ ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି ଲେଖ : ୧×୪=୪

(କ) ପିତା କାହା ମାଧ୍ୟମରେ ଅମର ହୁଏ?

*(i)* ସ୍ତ୍ରୀ

*(ii)* କନ୍ୟା

*(iii)* ପୁତ୍ର

*(iv)* ଭ୍ରାତା

(ଖ) ଇଷ୍ଟରେ ବୁଢ଼ାବୁଢ଼ୀମାନେ କେଉଁଠାରେ ରୁହନ୍ତି?

*(i)* ବାନପ୍ରସ୍ଥରେ

*(ii)* ଯତିବ୍ରତରେ

*(iii)* ଆଶ୍ରମରେ

*(iv)* ଘର ସଂସାରରେ



https://www.odishaboard.com

(ଗ) ଚୋରାବସନ୍ତ ଆସିଲେ ଦେହ କ'ଣ ହୁଏ?

*(i)* ଶୀତେଇଯାଏ

*(ii)* କାଠେଇଯାଏ

*(iii)* ଭଲୁସିଯାଏ

*(iv)* ଚମକିଯାଏ

(ଘ) ମିସ୍ ଲୁନା କେଉଁଠାରୁ ଟ୍ରାନ୍ସଫର ହୋଇ ଆସିଛନ୍ତି?

*(i)* ମଧ୍ୟ ପ୍ରଦେଶରୁ

*(ii)* ଆସାମରୁ

*(iii)* କଲିକତାରୁ

*(iv)* ବିହାରରୁ

(ଙ) କଳା ଫିଆଟ୍‌ଟି କେଉଁ ଭଳି ଫାଟକ ଆର ପାଖକୁ ଗଡ଼ିଗଲା?

*(i)* କଳା ବିଲେଇ ଭଳି

*(ii)* ପେଙ୍ଗୁ ଭଳି

*(iii)* କଳା ଭାଲୁ ଭଳି

*(iv)* କଳା ଭେଇ ଭଳି



https://www.odishaboard.com

୧୭। ନିମ୍ନଲିଖିତ ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ : ୧ × ୩ = ୩

(କ) ଦୁର୍ଯ୍ୟୋଧନ ବାବୁ ପେନ୍‌ସନ୍ ନେବା ପରମୁହୂର୍ତ୍ତରେ ମନ ତାଙ୍କର କିପରି ହେଲା?

(ଖ) ବୁଢ଼ୀ ପୁଅଝିଅମାନଙ୍କୁ କ'ଣ କହି ଆଶ୍ୱାସନା ଦିଏ?

(ଗ) ମେହେରଙ୍କ ଛବିଟି ରଖିବାକୁ କ'ଣ ଦରକାର ପଡ଼ିଛି?

(ଘ) ସେ ଦିନ ପିକ୍‌ନିକ୍‌ରେ ସରଳା କ'ଣ କହୁଥିଲା?

୧୮। ଗଳ୍ପ ଓ ଗାଳ୍ପିକଙ୍କ ନାମୋଲ୍ଲେଖ ସହିତ ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ : ୨ × ୨ = ୪

(କ) ଚୂଡ଼ାମଣି ଟେଲିଫୋନ ଉଠାଇ କ'ଣ ଶୁଣିଲେ?

(ଖ) ମେହେରଙ୍କ 'ପ୍ରଣୟ ବଲ୍ଲରୀ' କାବ୍ୟଟି କାହାଭଳି?

(ଗ) କେଉଁଥି ପାଇଁ ଦୁଃଖ କରିବାର କାରଣ କିଛି ନାହିଁ ବୋଲି ମିସେସ୍ ଚୌଧୁରୀ ଭାବୁଥିଲେ?

୧୯। ଗଳ୍ପ ଓ ଗାଳ୍ପିକଙ୍କ ନାମୋଲ୍ଲେଖ ସହିତ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଦିଅ : ୩

(କ) ଦୁର୍ଯ୍ୟୋଧନବାବୁଙ୍କର ବଡ଼ପୁଅ ତାଙ୍କର ଗୋଡ଼ ଘଷି ଦେଉଥିଲେ କାହିଁକି?

(ଖ) ସ୍ୱାମୀଙ୍କ ମୃତ୍ୟୁ ପରେ ମା' କେଉଁ କଥାକୁ ମନେ ରଖି ପିଲାମାନଙ୍କ ପାଖରେ ନ ରହିବାକୁ ସଂକଳ୍ପ କରିଥିଲେ?



https://www.odishaboard.com

୨୦। ପ୍ରାୟ **୧୫୦**ଟି ଶବ୍ଦ ମଧ୍ୟରେ କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଲେଖ :

(କ) 'ପକ୍ଷାଘାତ' ଗଳ୍ପର ସାର୍ଥକତା ବିଚାର କର।

(ଖ) ଡାକ୍ତର ଛାତ୍ରମାନେ କିପରି ମେହେର ଜୟନ୍ତୀ ପାଳନ କଲେ, ଆଲୋଚନା କର।

୨୧। ନିମ୍ନଲିଖିତ ଯେକୌଣସି **୧୦**ଟି ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ଶବ୍ଦରେ ବା ବାକ୍ୟରେ ପ୍ରଦାନ କର : ୧×୧୦=୧୦

(କ) ଅଳଙ୍କାର କାବ୍ୟର କ'ଣ ବଢ଼ାଏ?

(ଖ) ଅଳଙ୍କାର ଦର୍ଶାଅ :

''ବାବୁ ନାକ ଶିରୀ ଯୋଗ୍ୟ ଯୋଷାକୁ
ବିହର କାନନ କର ଆଲିଙ୍ଗନକୁ।''

(ଗ) ଯେଉଁ ଶବ୍ଦ ଉପମେୟ ଓ ଉପମାନ ମଧ୍ୟରେ ଥିବା ସାଧାରଣ ଧର୍ମକୁ ସଂଯୁକ୍ତ କରେ ତାକୁ କ'ଣ କୁହାଯାଏ?

(ଘ) କାରଣ ନ ଥାଇ କାର୍ଯ୍ୟର ଉତ୍ପତ୍ତି ହେଲେ କେଉଁ ଅଳଙ୍କାର ହୁଏ?

(ଙ) ସନ୍ଧି କେତେ ପ୍ରକାର?

(ଚ) ପରୀକ୍ଷା—ସନ୍ଧି ବିଚ୍ଛେଦ କର।

(ଛ) ଭୋ+ଅନ—ସନ୍ଧି କର।



https://www.odishaboard.com

(ଢ) ଚତୁଃ+ପାଣି—ସନ୍ଧି କର।

(ଝ) ଉପସର୍ଗ କେତୋଟି?

(ଞ) ଉପସର୍ଗକୁ କେଉଁ ପ୍ରତ୍ୟୟ କୁହାଯାଏ?

(ଟ) ଅଣ ସଂସ୍କୃତ ଉପସର୍ଗ ଲଗାଇ ଶବ୍ଦଟିଏ ଲେଖ।

(ଠ) 'ସଂହାର' ଶବ୍ଦରୁ ଉପସର୍ଗ ଦର୍ଶାଅ।

(ଡ) 'ଅଭୀଷ୍ଟ' ଶବ୍ଦରୁ ଉପସର୍ଗ ପୃଥକ କର।

(ଢ) 'ବେକାର' ଶବ୍ଦରୁ ଉପସର୍ଗ ଦର୍ଶାଅ।

(ଣ) 'ତତୋଧିକ' ଶବ୍ଦର ସନ୍ଧି ବିଚ୍ଛେଦ କର।

୨୨। ନିମ୍ନଲିଖିତ ଯେକୌଣସି ଦୁଇଟି ଅଳଙ୍କାରର ସଂଜ୍ଞା ଓ ସ୍ୱରୂପ ଉଦାହରଣ ମାଧ୍ୟମରେ ବୁଝାଅ : ୫×୨=୧୦

ଶ୍ଳେଷ, ବ୍ୟତିରେକ, ବିଭାବନ

* * *

https://www.odishaboard.com